# ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ କାର୍ଯ୍ୟାଳୟ,ହେମଗିର

ସଂଖ୍ୟା ...୫୦୭... ତା...୨୩/୦୫/୨୦୨୫...

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ହେମଗିର ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ଲଇକେରା ସେକ୍ଟର ଅନ୍ତର୍ଗତ ମସିଣା ଅଙ୍ଗନବାଡି କେନ୍ଦ୍ରର ସହାୟିକା ପଦବୀ ନିମନ୍ତେ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନମ୍ବର. ୪୯୭୦/ ତା.୧୫.୦୩.୨୦୨୩ ଏବଂ ୫୫୬୪/୦୭.୦୩.୨୦୨୪ ବିଜ୍ଞପ୍ତି ଅନୁସାରେ ST/SC ପ୍ରାର୍ଥିନୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଯେଉଁ ଇଚ୍ଛୁକ ପ୍ରାର୍ଥିନୀ ମାନେ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରିପାରୁଥିବେ ସେମାନେ ଏହି website (URL:http://engagement-awc.odisha.gov.in) ରେ login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଆସନ୍ତା ତା: ୦୪.୦୬.୨୦୨୫ ଠାରୁ ଦରଖାସ୍ତ ଆବେଦନ କରିପାରିବେ । ପ୍ରାର୍ଥିନୀ ମାନେ ଦରଖାସ୍ତ କେବଳ ଅନଲାଇନ ରେ ଆବେଦନ କରିପାରିବେ । ପ୍ରାର୍ଥିନୀ ମାନେ ଦରଖାସ୍ତ ସହିତ ଆବଶ୍ୟକ ସମସ୍ତ ପ୍ରମାଣ ପତ୍ର ଅନଲାଇନ ରେ upload କରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୮.୦୬.୨୦୨୫ ଅପରାହ୍ନ ୦୫ .୦୦ ପର୍ଯ୍ୟନ୍ତ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଏବଂ ଅଫଲାଇନ ରେ କୌଣସି ଦରଖାସ୍ତ ଗ୍ରହଣକରାଯିବ ନାହିଁ । ତାରିଖ ୧୯. ୦୬.୨୦୨୫ ଦିନ ପୂର୍ବାହ୍ନ ୧୧.୦୦ ଘଟିକା ରେ ଚୟନ କମିଟିଙ୍କ ଦ୍ୱାରା ପ୍ରାର୍ଥିନୀଙ୍କ ଉପସ୍ଥିତି ରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ହେମଗିର ଙ୍କ କାର୍ଯ୍ୟାଳୟ ରେ ଦରଖାସ୍ତ ଗୁଡିକ ଯାଞ୍ଚ କରାଯିବ। ଏଥି ସକାଶେ କାର୍ଯ୍ୟାଳୟରୁ କୌଣସି ଫୋନ କିମ୍ବା INTIMATION ଯିବ ନାହିଁ । ଏଣୁ ପ୍ରାର୍ଥିନୀ ମାନେ upload କରିଥିବା ସମସ୍ତ ଆନୁସଙ୍ଗିକ କାଗଜ ପତ୍ରର ମୂଳ ପ୍ରମାଣ ପତ୍ର ଧରି ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଯାଞ୍ଚ ଦିନ ଉପସ୍ଥିତ ରହିବେ ।ପ୍ରକାଶ ଥାଉ କି ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ଉକ୍ତ ପଦବୀ ପାଇଁ ସାନ୍ତ୍ୱନା ମୂଳକ ରାଶି ୫୦୦୦/- ଟଙ୍କା (ପାଞ୍ଚ ହଜାର ଟଙ୍କା ) ଧାର୍ଯ୍ୟ କରାଯାଇଛି ।

| | | | | | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ | |
|---|---|---|---|---|---|---|
| କ୍ର. ସଂଖ୍ୟା | ଗ୍ରା.ପ. ର ନାମ | ଗ୍ରାମ / ୱାର୍ଡ ର ନାମ | ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଗ୍ରାମ / ପଡା | ଆରମ୍ଭ ଘର ସଂଖ୍ୟା | ଶେଷ ଘର ସଂଖ୍ୟା |
| ୦୧ | କନକତୁରା | ମସିଣା | ମସିଣା | ମସିଣା | ଘର ସଂଖ୍ୟା :୦୦୧ ପୁରୁଷୋତ୍ତମ ମାଝୀ | ଘର ସଂଖ୍ୟା :୧୮୨ ନିମାଇଁ ଭୋଏ |

## ଚୟନ ପ୍ରକ୍ରିୟା ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନିର୍ଗତ ହୋଇଥିବା ନିୟମାବଳୀ

୧. ପ୍ରାର୍ଥିନୀ କେନ୍ଦ୍ରାଞ୍ଚଳ ପରିସର ଭୁକ୍ତ ବାସିନ୍ଦା ହୋଇଥିବେ।

୨. ତାଙ୍କର ବୟସ ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷରୁ କମ ଏବଂ ୩୫ ବର୍ଷରୁ ଅଧିକ ହୋଇ ନ ଥିବ ।

୩. ସେ କୌଣସି ଦୁରାରୋଗ୍ୟ ରେ ପୀଡିତ ହୋଇ ନ ଥିବେ ।

୪. ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା , ଅସହାୟ, ସ୍ୱାମୀ ପରିତ୍ୟକ୍ତା ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

୫. ପ୍ରାର୍ଥିନୀ ଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ଦ୍ୱାଦଶ (୧୨) ପାସ ହୋଇଥିବ ।

୬. ପ୍ରାର୍ଥିନୀଙ୍କ ଓଡିଆ ଭାଷା ପ୍ରତି ଜ୍ଞାନ ଥିବ ଏବଂ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଓଡ଼ିଆ ଭାଷା ବିଷୟରେ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୭. ପ୍ରାର୍ଥିନୀଙ୍କ ଅଙ୍ଗନବାଡି କାର୍ଯ୍ୟକଳାପ ଏବଂ ରୋଷେଇ ପ୍ରତି ଆଗ୍ରହୀ ଥିବେ ।

୮. ଯଦି କେନ୍ଦ୍ରାଞ୍ଚଳ ପରିସର ଭୁକ୍ତ ପ୍ରାର୍ଥିନୀ ନ ମିଳନ୍ତି ତେବେ ଉକ୍ତ ରାଜସ୍ୱ ଗ୍ରାମର ପ୍ରାର୍ଥିନୀ ଙ୍କୁ ପ୍ରାଧାନ୍ୟ ଦିଆଯିବ ।

## ଆବଶ୍ୟକ ପ୍ରମାଣପତ୍ର :

୧. ପାସପୋର୍ଟ ସାଇଜ ଫୋଟୋକପି ।

୨. +୨ ପାସ ବୋର୍ଡ ସାର୍ଟିଫିକେଟ ଏବଂ ମାର୍କସିଟ ।



Scanned with OKEN Scanner

# ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ କାର୍ଯାଳୟ,ହେମଗିର

୩. ଆଧାର ପରିଚୟ ପତ୍ର ।

୪. ଜାତିଗତ ପ୍ରମାଣ ପତ୍ର । ( ତହସିଲଦାରଙ୍କ ଠାରୁ )

୫. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର । ( ତହସିଲଦାରଙ୍କ ଠାରୁ )

୬. ଅନାଥ ପ୍ରମାଣ ପତ୍ର । ( ସରକାରୀ ସ୍ବୀକୃତିପ୍ରାପ୍ତ ଅନାଥାଶ୍ରମରୁ )

୭. ଶାରୀରିକ ଭିନ୍ନକ୍ଷମ ପ୍ରମାଣ ପତ୍ର । ( C.D.M.O. ଙ୍କ ପାଖରୁ )

୮. ସ୍ୱାମୀ ପରିତ୍ୟକ୍ତା ପ୍ରମାଣ ପତ୍ର । ( କୋର୍ଟ ରୁ ପ୍ରମାଣିତ )

୯. ଅସହାୟ ପ୍ରମାଣ ପତ୍ର । ( ସ୍ଥାନୀୟ ସରପଞ୍ଚ , ଗ୍ରାମ ପଞ୍ଚାୟତ ରୁ )

୧୦. ବିଧବା ପ୍ରମାଣ ପତ୍ର । ( ସ୍ଥାନୀୟ ସରପଞ୍ଚ , ଗ୍ରାମ ପଞ୍ଚାୟତ ରୁ )

୧୧. ବିଜ୍ଞାପିତ ସାହିର ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର । (ସମ୍ପୃକ୍ତ ଅଙ୍ଗନବାଡି କର୍ମୀର ସର୍ଭେ ରେଜିଷ୍ଟର ରୁ ଜେରକ୍ସ କପି )

3.6.25

ଶିଶୁ ବିକାଶ ଯୋଜନା ଅଧିକାରିଣୀ,
Child Dev. Project Officer
ହେମଗିର
ICDS Project, Hemgir

ଜ୍ଞାପକ ସଂଖ୍ୟା 573 ତା : 03/06/2025

ଏହାର ଏକକିତା ନକଲ ମଣ୍ଡଳ ପରିଦର୍ଶିକା ଲଇକେରା ମଣ୍ଡଳ କୁ ପଠାଗଲା ଏବଂ ଅନୁରୋଧ କରାଗଲା କି ଗ୍ରାମରେ ବହୁଳ ପ୍ରଚାର କରିବେ ଏବଂ ଧାର୍ଯ୍ୟ ଦିବସ ଓ ସମୟରେ ଉପସ୍ଥିତ ରହିବେ ।

ଏହାର ଏକକିତା ନକଲ ମସିଣା ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ଶିକ୍ଷିତ ଯୁବତୀ ମାନଙ୍କ ଅବଗତି ନିମନ୍ତେ ପ୍ରେରିତ କରାଗଲା ।
ଏହାର ଏକକିତା ନକଲ ଅତ୍ର କାର୍ଯ୍ୟାଳୟ ନୋଟିସ ବୋର୍ଡକୁ ପ୍ରେରିତ କରାଗଲା ।

3.6.25

ଶିଶୁ ବିକାଶ ଯୋଜନା ଅଧିକାରିଣୀ,
Child Dev. Project Officer
ହେମଗିର
ICDS Project, Hemgir

ଜ୍ଞାପକ ସଂଖ୍ୟା 574 ତା : 03/06/2025

ଏହାର ଏକକିତା ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ,ହେମଗିର / ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ସୁନ୍ଦରଗଡଙ୍କର ଅବଗତି ନିମନ୍ତେ ପଠା ଗଲା ।

ଏହାର ଏକକିତା ନକଲ ANM ଲଇକେରା ସବ ସେଣ୍ଟର କୁ ପଠାଗଲା ଏବଂ ଧାର୍ଯ୍ୟ ଦିବସ ଓ ସମୟରେ ଉପସ୍ଥିତ ରହିବା ପାଇଁ ଜଣାଗଲା ।

3.6.25

ଶିଶୁ ବିକାଶ ଯୋଜନା ଅଧିକାରିଣୀ,
Child Dev. Project Officer
ହେମଗିର
ICDS Project, Hemgir

ଜ୍ଞାପକ ସଂଖ୍ୟା 575 ତା : 03/06/2025

ଏହାର ଏକକିତା ନକଲ ସରପଞ୍ଚ କନକତୁରାଙ୍କ ଅବଗତି ନିମନ୍ତେ ପଠାଗଲା ଏବଂ ଅନୁରୋଧ କରାଗଲା କି ପଞ୍ଚାୟତ ଅଫିସ ନୋଟିସ ବୋର୍ଡ ରେ ଲଟକା ଜାରି କରିବେ ।

3.6.25

ଶିଶୁ ବିକାଶ ଯୋଜନା ଅଧିକାରିଣୀ,
Child Dev. Project Officer
ହେମଗିର
ICDS Project, Hemgir



Scanned with OKEN Scanner